**୨୦ଘଣ୍ଟା ପଡିଲା ମୃତଦେହ, ସତ୍କାର କଲେ ସାମାଜିକ କର୍ମୀ**

ଚନ୍ଦାହାଣ୍ଡି, (ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ସଦର ମହକୁମାରେ ରହୁଥିବା ଛତିଶଗଡ ମେନପୁର ଅଞ୍ଚଳର ରବି ଯାଦବ (୪୦)ଙ୍କ ବୁଧବାର ରାତିରେ ମୃତ୍ୟୁ ହୋଇଯାଇଛି। ମୃତକଙ୍କର କେବଳ ବୁଢ଼ି ମା' ଶାନ୍ତିଙ୍କୁ ଛାଡିଲେ ଆଉ କେହି ନ ଥିଲେ। ମୃତଦେହ ୨୦ ଘଣ୍ଟା ପଡିବା ପରେ ଖବରପାଇ ଅଧ୍ୟାପକ ବିସିକେଶନ ପାଢ଼ୀଙ୍କ ଅନୁରୋଧ କ୍ରମେ ସାମାଜିକ କର୍ମୀ ପଙ୍କଜ ବାଘ, ଖୁନ୍ତା ବାଘ, ପ୍ରମୋଦ ବାଘ, ଆକାଶ ନାଗେଶ ଘଟଣାସ୍ଥଳରେ ପହଞ୍ଚି ଥିଲେ। ସେମାନେ ମୃତଦେହକୁ କୋକେଇରେ ନେଇ ସତ୍କାର କରିଥିଲେ। ପ୍ରଶାସନ ତଥା ସହୃଦୟ ବ୍ୟକ୍ତି ଶାନ୍ତିଙ୍କୁ ସହାୟତା ଦେବାକୁ ଦାବି ହୋଇଛି।

## ସଂକ୍ଷେପରେ

### ଚମ୍ପା ବନରେ ନିଆଁ



ପାପଡାହାଣ୍ଡି, ୧୭।୩(ଡି.ଏନ୍.ଏ.)- ପାପଡାହାଣ୍ଡି ବ୍ଲକ ସଦରମହକୁମାରେ ଥିବା ଚମ୍ପା ଜଙ୍ଗଲରେ ଗୁରୁବାର ମଧାହ୍ନରେ ହଠାତ ନିଆଁ ଲାଗିଯାଇଥିଲା। ଖବରପାଇ ବନବିଭାଗ କର୍ମଚାରୀମାନେ ନିଆଁକୁ ଆୟତ୍ତ କରିଥିଲେ। ଜଙ୍ଗଲରେ ଅନେକ ମୂଲ୍ୟବାନ ଶାଳ, ଚମ୍ପା ଗଛ ଅଛି। ଯାହା ନିଆଁ ଲାଗିବା ଦ୍ୱାରା ନଷ୍ଟ ହେବା ଆଶଙ୍କା ରହିଛି।

### ବସ୍-ବାଇକ୍ ଧକ୍କା, ୪ ଆହତ

ଡାବୁଗାଁ, ୧୭।୩ (ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ମହେନ୍ଦ୍ରୀ ଛକ ଉପରେ ବସ୍-ବାଇକ୍ ଦୁର୍ଘଟଣାରେ ୪ଜଣ ଆହତ ହୋଇଛନ୍ତି। ସିନ୍ଧିକାଗୁଡା ଗ୍ରାମର ରତନ ଭତ୍ରା (୪୫) ଓ କୁଶ ମାଝି (୫୫) ଏବଂ କଣ୍ଟାସାରୁ ଗ୍ରାମର ମାନସାଏ ଭତ୍ରା (୨୯) ଓ ତାଙ୍କ ପୁଅ ସୁଶାନ୍ତ ଭତ୍ରା (୫)। ପାପଡାହାଣ୍ଡି - ଡାବୁଗାଁ ରାଜ୍ୟ ରାଜପଥ-୩୯ ଉପରେ ଜଗଦଲପୁରରୁ ଏକ ବସ୍ (ସିଜି-୧୭କେଏସ୍- ୭୯୧୯) ଡାବୁଗାଁ ଅଭିମୁଖେ ଆସୁଥିଲା। ମହେନ୍ଦ୍ରୀ ଛକରେ ଲୋକ ଓହ୍ଲାଉ ଥିବା ବେଳେ କଣ୍ଟାସାରୁ ଗ୍ରାମର ଆସୁଥିବା ଏକ ବାଇକ୍ ସେମାନଙ୍କୁ ଧକ୍କା ଦେଇଥିଲା। ବାଇକ୍‌ରେ ଥିବା ୪ଜଣ ଆହତ ହୋଇଥିଲେ। ଡାବୁଗାଁ ଥାନା ଏଏସ୍ଆଇ ଶିଶିରକାନ୍ତ ଘୋଷ, ବିଜୟ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଡାବୁଗାଁ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ସୁଶାନ୍ତ ଭତ୍ରାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ଶିକ୍ଷିତ ପ୍ରାର୍ଥୀଙ୍କ ଉପରେ ଭୋଟରଙ୍କ ଭରସା

ଉମରକୋଟ, ୧୭।୩(ସ୍ୱ.ପ୍ର.)

୧୪ଟି ୱାର୍ଡ଼କୁ ନେଇ ଉମରକୋଟ ପୌର ପରିଷଦ ଗଠିତ। ଏଠାରେ ୨୩,୭୧୮ ଭୋଟର। ଚଳିତ ଥର ଅଧକ୍ଷ ପଦ ପାଇଁ ସିଧାସଳଖ ନିର୍ବାଚନ ହେଉଛି, ଯାହା ଅନୁସୂଚିତ ଜାତି ମହିଳାଙ୍କ ପାଇଁ ସଂରକ୍ଷିତ। ୩ ପ୍ରମୁଖ ଦଳ ଏବଂ ବିଏସ୍‌ପି ପ୍ରାର୍ଥୀ ଦେଇଛନ୍ତି। ସବୁ ଦଳ ଶିକ୍ଷିତ ମହିଳାଙ୍କୁ ଟିକେଟ ଦେଇଛନ୍ତି। ବିଜେଡିରୁ ରାଧା ଭତ୍ରା, ଭାଜପାରୁ ରିଙ୍କି ଗଣ୍ଡ, କଂଗ୍ରେସରୁ ଦମୟନ୍ତୀ ଦିଶାରୀ ଓ ବିଏସ୍‌ପିରୁ ସନ୍ତୋଷୀ ମାଝି ନିର୍ବାଚନ ମଇଦାନରେ ଅବତୀର୍ଣ୍ଣା। ସହରରେ ଥିବା ଅନେକ ସମସ୍ୟାର ସମାଧାନ ହୋଇପାରୁନି। ଚଳିତ ଥର ଅଧକ୍ଷା ପଦ ପାଇଁ ନିର୍ବାଚନ ସିଧାସଳଖ ହେଉଛି।


ଦମୟନ୍ତୀ ଦିଶାରୀ


ରାଧା ଭତ୍ରା


ରିଙ୍କି ଗଣ୍ଡ


ସନ୍ତୋଷୀ ମାଝି

ଜଣେ ଶିକ୍ଷିତଙ୍କୁ ଜିତାଇଲେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ। ସହରରେ ବିକାଶର ଧାରା ଆଗକୁ ବଢିବ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

ଉମରକୋଟର ନାଳନର୍ଦ୍ଦମା ଅପରିଷ୍କାର ରହୁଛି। ସାହି ବାସିନ୍ଦାଙ୍କ ପାଇଁ ନୂତନ ରାସ୍ତା ଡ୍ରେନ ତିଆରିରେ ବର୍ଷ ବର୍ଷ ସମୟ ଲାଗୁଛି। ପୌର ପରିଷଦ ନିଜ ସମ୍ପତ୍ତିର ରକ୍ଷଣାବେକ୍ଷଣ ଠିକ୍‌ରେ କରିପାରୁ ନାହିଁ। ଏକ ସ୍ୱଚ୍ଛ ଓ ସୁନ୍ଦର ପରିବେଶ ତିଆରି କରିବାରେ ବିଫଳ। ଟ୍ରାଫିକ୍ ସମସ୍ୟା ବିପର୍ଯ୍ୟସ୍ତ ହୋଇ ରହିଛି। ଭାସ୍କେଲ ଡ୍ୟାମରୁ ସୃଷ୍ଟି ନଦୀର ପୁନରୁଦ୍ଧାର ପାଇଁ କେବେବି ଚେଷ୍ଟା କରାଯାଇନି ବୋଲି ଲୋକେ ଅଭିଯୋଗ କରିଛନ୍ତି।

ଇତିମଧ୍ୟରେ ବିଜେଡି ପ୍ରାର୍ଥୀ ରାଧା ଭତରା ବିଜେଡି ସରକାରଙ୍କ ଶାସନ ଓ ଉମରକୋଟରେ ହୋଇଥିବା ବିଭିନ୍ନ ଉନ୍ନତିମୂଳକ କାମ, ଯୋଜନାକୁ ନେଇ ଭୋଟରଙ୍କ ପାଖକୁ ଯାଇଛନ୍ତି। ଜିତିଲେ ସହରରେ ଆହୁରି ଉନ୍ନତିମୂଳକ କାର୍ଯ୍ୟ ହେବ ବୋଲି ସେ କହିଛନ୍ତି। ବିଜେଡିକୁ ଟକ୍କର ଦେବାକୁ ଗୋଟିଚାଳନା କରୁଛି ଭାଜପା। ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡଙ୍କୁ ନେଇ ଘରକୁ ଘର ଯାଇ ପ୍ରଚାର ସହ ପଥପ୍ରାନ୍ତ ସଭା କରୁଛନ୍ତି ପ୍ରାର୍ଥୀ ରିଙ୍କି ଗଣ୍ଡ। ଜନତା ଶିକ୍ଷିତ ଅଛନ୍ତି। ସେମାନେ ଆମ ଉନ୍ନୟନ କାର୍ଯ୍ୟ ଦେଖି ନିଶ୍ଚିତ ଭାଜପାକୁ ଭୋଟ ଦେବେ ବୋଲି ରିଙ୍କି କହିଛନ୍ତି। ମୋତେ ସୁଯୋଗ ମିଳିଲେ ରାସ୍ତା, ଡ୍ରେନ୍ ଓ ପାନୀୟ ଜଳ ସମସ୍ୟାର ସମାଧାନ କରିବି ବୋଲି କଂଗ୍ରେସ ପ୍ରାର୍ଥୀ ଦମୟନ୍ତୀ ଦିଶାରୀ କହିଛନ୍ତି। ଉଭୟ ବିଜେଡି, ଭାଜପା ସରକାରଙ୍କ ଭୁଲ ନୀତି ଯୋଗୁ ଦରଦାମ୍

**ଅଧକ୍ଷ ଆସନ ହାତେଇବାକୁ ଉଦ୍ୟମ ଚଳାଇଛନ୍ତି ସବୁ ଦଳ**

ବୃଦ୍ଧି ପାଇଛି। ଉଭୟ ସରକାର ଲୋକଙ୍କୁ ଠକୁଛନ୍ତି। ତେଣୁ କଂଗ୍ରେସ ହିଁ ଉମରକୋଟ ବାସିନ୍ଦାଙ୍କ ପାଇଁ ବିକଳ୍ପ ହୋଇ ଉଭା ହୋଇଛି ବୋଲି ସେ କହିଛନ୍ତି। ଜିତିଲେ ଲୋକଙ୍କ ପାଇଁ କାମ କରିବି। ସାଧାରଣ ଲୋକଟିଏ ଭଳି ସବୁ ସମସ୍ୟାକୁ ଅଙ୍ଗେ ନିଭେଇଛି। ତେଣୁ ସେ ସବୁର ସମାଧାନର ଆବଶ୍ୟକତା କେତେ ତାହା ଜାଣିଛି ବୋଲି ବିଏସ୍‌ପି ପ୍ରାର୍ଥୀ ସନ୍ତୋଷୀ ମାଝି କହିଛନ୍ତି। ଆଗାମୀ ୨୪ରେ ଭୋଟ ହେବ। ୨୬ରେ ଫଳାଫଳ ପ୍ରକାଶ ପାଇବ। ଭୋଟର କାହାକୁ ବହୁମତ ଦେବେ ତାହା ଦେଖିବା ବାକି ରହିଲା।

## ବିଜେଡିରେ ଯୋଗଦେଲେ ଅନ୍ୟ ଦଳର ନେତା, କର୍ମୀ

ଗୁଣପୁର, ୧୭।୩(ଡି.ଏନ୍.ଏ.)

ପୌର ପରିଷଦ ନିର୍ବାଚନ ପାଇଁ ୨୪ରେ ମତଦାନ ଅନୁଷ୍ଠିତ ହେବ। ଏଥିପୂର୍ବରୁ ରାୟଗଡ଼ା ଜିଲା ଗୁଣପୁରରେ ଦଳ ଡିଆଁ ପର୍ବ ଆରମ୍ଭ ହୋଇଛି। ଗୁରୁବାର ଅନ୍ୟ ଦଳର ନେତା ଓ କର୍ମୀ ବିଜେଡିରେ ମାମିଲ ହୋଇଛନ୍ତି। ଆଦିବାସୀ ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକା, ବିଜେଡି ଜିଲା ସଭାପତି ତଥା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ରାଜ୍ୟ ଉପଦେଷ୍ଟା ସୁଧୀର ଦାସଙ୍କ ଉପସ୍ଥିତିରେ ମିଶ୍ରଣ କାର୍ଯ୍ୟକ୍ରମ ହୋଇଥିଲା। କଂଗ୍ରେସ ନେତା ଭୋଳାନାଥ ମହାକୁଡ଼, ଭାସ୍କର ପଟ୍ଟନାୟକଙ୍କ ସମେତ କେତେଜଣ କର୍ମୀ ବିଜେଡିରେ ଯୋଗଦେଇଛନ୍ତି। ଏହି ସମୟରେ ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ ମଧ୍ୟ ଉପସ୍ଥିତ ଥିଲେ। ସେହିଭଳି ଭାଜପା ନେତା ପ୍ରେମପ୍ରସାଦ ପଣ୍ଡା ମଧ୍ୟ ବିଜେଡିରେ ଯୋଗଦେଇଛନ୍ତି।

## ସକାଳୁ ଘରକୁ ଆସିବେ କହିଥିଲେ, କିନ୍ତୁ ରାସ୍ତାରୁ ମିଳିଲା ମୃତଦେହ

ଝରିଗାଁ, ୧୭।୩(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ସଦର ମହକୁମାସ୍ଥିତ ଝରିଗାଁ ସେଣ୍ଟ୍ରାଲ ନର୍ସରୀ ପାଖ ଝାରବନ୍ଧ ପୋଖରୀ ନିକଟରୁ ଗୁରୁବାର ସକାଳୁ ଜୟନ୍ତୀ ଗ୍ରାମର ବଳରାମ ବିଶି (୨୮)ଙ୍କ ମୃତଦେହ ମିଳିଛି। ତାଙ୍କ ସ୍ତ୍ରୀ ଯୋଗେଶ୍ୱରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ମୃତଦେହକୁ ଆମ୍ବୁଲାନ୍ସରେ ଡାକ୍ତରଖାନା ପଠାଇଥିଲେ। ସ୍ୱାମୀଙ୍କୁ ହତ୍ୟା କରାଯାଇଥିବା ନେଇ ଯୋଗେଶ୍ୱରୀ ଝରିଗାଁ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ୪୫/୨୨ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

- ସ୍ୱାମୀଙ୍କୁ ହତ୍ୟା କରାଯାଇଥିବା ନେଇ ଥାନାରେ ଅଭିଯୋଗ କଲେ ସ୍ତ୍ରୀ
- ଘଟଣା ସ୍ଥଳରେ ପୋଲିସ୍, ସାଇଣ୍ଟିଫିକ ଟିମ୍‌ର ତଦନ୍ତ

ବଳରାମ ସବୁ ଦିନଭଳି ବୁଧବାର ସକାଳୁ କାମକୁ ଯାଇଥିଲେ। ରାତି ପ୍ରାୟ ୮ଟାରେ ଘରକୁ ଫୋନ୍ କରିଥିଲେ। ସକାଳୁ ଘରକୁ ଫେରିବେ ବୋଲି କହିଥିଲେ। କିନ୍ତୁ ସକାଳୁ ତାଙ୍କ ମୃତଦେହ ପୋଖରୀ ନିକଟରୁ ମିଳିଛି ବୋଲି ଯୋଗେଶ୍ୱରୀ ପୋଲିସ ନିକଟରେ କହିଛନ୍ତି। ବଳରାମଙ୍କୁ ଫୋନ୍ କରିବାରୁ ସେ ସାଙ୍ଗ ସହ ପୋଖରୀ ନିକଟରେ ଥିବା କହିଥିଲେ। ତେଣୁ ଉକ୍ତ ଯୁବକଙ୍କୁ ଧରିବାକୁ ଯୋଗେଶ୍ୱରୀ ପୋଲିସକୁ ନିବେଦନ କରିଛନ୍ତି। ଯୋଗେଶ୍ୱରୀଙ୍କ ଅଭିଯୋଗ ପରେ ଝରିଗାଁ ଭାରପ୍ରାପ୍ତ ଥାନାଧିକାରୀ ନଟବର ନନ୍ଦ, ଏସ୍‌ଡିପିଓ ଦିନେଶ ଚନ୍ଦ୍ର ନାୟକ, ଏସ୍ଆଇ ପ୍ରମୋଦ ଖଣ୍ଡୁଆଳ, ଏଏସ୍ଆଇ ଅଶୋକ ପାଳ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ମୃତକଙ୍କ କାନ, ନାକ ଏବଂ ଆଖିରୁ ରକ୍ତ ବୋହିବା ସହ ମୁହଁସାରା କ୍ଷତ ଥିଲା। ତେଣୁ ଏହା ହତ୍ୟା ନା ଦୁର୍ଘଟଣା ଜାଣିବାକୁ ପୋଲିସ ସାଇଣ୍ଟିଫିକ ଟିମ୍‌ର ସହାୟତା ନେଇଛି। ପୋଲିସ ପ୍ରାଥମିକ ତଦନ୍ତ ପରେ ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଥିବା ତଦନ୍ତକାରୀ ଅଧିକାରୀ ନଟବର ନନ୍ଦ କହିଛନ୍ତି।

## ୩୦ ବାଉଁଶ କାରିଗର ନେଲେ ଦକ୍ଷତା ବିକାଶ ତାଲିମ

ମୁନିଗୁଡ଼ା୧୭।୩(ଡି.ଏନ୍.ଏ.)

ମୁନିଗୁଡ଼ା ବ୍ଲକ ମୁନିଖୋଲ ଅଞ୍ଚଳର ୩୦ ବାଉଁଶ କାରିଗରଙ୍କୁ ନେଇ ଚାଲିଥିବା ୧୨ ଦିନିଆ ତାଲିମ କାର୍ଯକ୍ରମ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ମୁନିଖୋଲ ଗୋଷ୍ଠୀ କେନ୍ଦ୍ରଠାରେ ନାବାର୍ଡର ସହାୟତା ତଥା ମହାଶକ୍ତି ଫାଉଣ୍ଡେସନର ପରିଚାଳନାରେ ଅନୁଷ୍ଠିତ କାର୍ଯକ୍ରମକୁ ନାବାର୍ଡର ଡିଡିଏମ୍ ସନ୍ତୋଷ କୁମାର ସାମଲ ଉଦ୍‌ଘାଟନ କରିଥିଲେ। ରାଜ୍ୟ ହସ୍ତଶିଳ୍ପ ବିଭାଗର ମାଷ୍ଟର ତାଲିମଦାତା ରଘୁନାଥ ସେଠି ତାଲିମ ଦେଇଥିଲେ।

ଏଥିରେ ବାଉଁଶ ହସ୍ତଶିଳ୍ପର ବଜାର ଚାହିଦା ମୁତାବକ ବିଭିନ୍ନ ସାମଗ୍ରୀ ଉପରେ ତାଲିମ ଦିଆଯାଇଥିଲା। ଉଦ୍‌ଯାପନି କାର୍ଯ୍ୟକ୍ରମରେ ଆଇସିଆଇସିଆଇ ବ୍ୟାଙ୍କର ଉପ ପ୍ରବନ୍ଧକ ସାମନ୍ତ ଦିଗାଲ, ମିଶନ ଶକ୍ତିର ଅଧିକାରୀ, ଓଏଲ୍ଏମ୍‌ର ମନୋହର ଗାଜିବିଲି ଯୋଗଦେଇ ବାଉଁଶ ହସ୍ତଶିଳ୍ପୀଙ୍କ ଜୀବନ ଓ ଜୀବିକାର ବିକାଶ ତଥା ଉତ୍ପାଦର ବଜାରିକରଣ ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ। ମହାଶକ୍ତି ଫାଉଣ୍ଡେସନର ପ୍ରକଳ୍ପ ପରିଚାଳକ ଦେବେନ୍ଦ୍ର ମିଶ୍ର ଏହାର ପରିଚାଳନା କରିଥିଲେ।

## ଶିକ୍ଷାର ଉପାଦେୟତା ବୁଝାଇଲା ନାଟକ 'ଆଜିର ସକାଳ'

ନବରଙ୍ଗପୁର, ୧୭।୩(ବି.ପ୍ର.)

ଷ୍ଟେଟ୍ ବ୍ୟାଙ୍କର ପୃଷ୍ଠପୋଷକତାରେ ପଥପ୍ରାନ୍ତ ନାଟକ 'ଆଜିର ସକାଳ' ଭୁବନେଶ୍ୱର ଟିମ୍‌ର ସଦସ୍ୟମାନେ ପରିବେଷଣ କରିଛନ୍ତି। ଏହା ନବରଙ୍ଗପୁର ଜିଲାର ଲଳିତାଦେଇପୁର ଶାସନ ଗାଁ ଏବଂ ତେନ୍ତୁଳିଖୁଣ୍ଟି ଗ୍ରାମରେ ପରିବେଷଣ କରାଯାଇଥିଲା। ନାଟକ ମାଧ୍ୟମରେ ଗ୍ରାମବାସୀଙ୍କୁ ଆର୍ଥିକ ସାକ୍ଷରତାର ଉପାଦେୟତା ବିଷୟରେ ବୁଝାଯାଇଥିଲା। ବୟସ ନିର୍ବିଶେଷରେ ସବୁ ଗ୍ରାମବାସୀ ବହୁ ସଂଖ୍ୟାରେ ଏହାକୁ ଉପଭୋଗ କରିଥିଲେ। ଏଥିରେ ଷ୍ଟେଟ ବ୍ୟାଙ୍କର ଲିଡ୍ ଡିଷ୍ଟ୍ରିକ୍ଟ ମ୍ୟାନେଜର ସୁକୁମାର ବକ୍ସି, ଏଫ୍ଏଲ୍‌ସି ଚନ୍ଦ୍ରଶେଖର ପଟ୍ଟନାୟକ ଏବଂ ଧାନ ଫାଉଣ୍ଡେସନର ସିଏଫ୍ଏଲ୍ ରଞ୍ଜନ ପାଢ଼ୀ ପ୍ରମୁଖ ଗ୍ରାମବାସୀଙ୍କୁ ଉତ୍ସାହିତ କରିଛନ୍ତି।

# ୨ ବର୍ଷ ପରେ ପଦ୍ମପୁରରେ ଐତିହାସିକ ଦୋଳଯାତ୍ରା

ପଦ୍ମପୁର, ୧୭।୩(ଡି.ଏନ୍.ଏ.)

ରାୟଗଡ଼ା ଜିଲା ପଦ୍ମପୁରଠାରେ ରାଧାକୃଷ୍ଣ ଯୁଗଳ କିଶୋରଙ୍କ ଐତିହାସିକ ଦୋଳଯାତ୍ରା ୧୯୦୯ରୁ ଅନୁଷ୍ଠିତ ହୋଇଆସୁଛି। ଏହା ଦକ୍ଷିଣ ଓଡ଼ିଶାର ପୁରାତନ ଦୋଳଯାତ୍ରା ରୂପେ ପ୍ରସିଦ୍ଧ। ୨୦୨୦ରେ ଯାତ୍ରା ସପ୍ତାହବ୍ୟାପୀ ଅନୁଷ୍ଠିତ ହୋଇଥିଲା। କରୋନା ସଂକ୍ରମଣ ଯୋଗୁ ଯାତ୍ରା ଅଧାରେ ବନ୍ଦ କରାଯାଇଥିଲା। ଚଳିତ ବର୍ଷ ପୁଣି ଦୋଳଯାତ୍ରା ଅନୁଷ୍ଠିତ ହେଉଛି।

ମାର୍ଚ୍ଚ ୧୫ରୁ ଯାତ୍ରା ଆରମ୍ଭ ହୋଇଥିବାବେଳେ ଏହା ୨୩ ପର୍ଯ୍ୟନ୍ତ ଚାଲିବ। ପ୍ରତେକ ଦିନ ଠାକୁର ମାନଙ୍କୁ ବିଭିନ୍ନ ବେଶରେ ସଜ୍ଜିତ କରାଯାଉଛି। ୩ ଦିନ ଧରି ଠାକୁରଙ୍କ ଚଳନ୍ତି ପ୍ରତିମାକୁ ରାତିରେ ସୁସଜ୍ଜିତ ପାଲିଙ୍କିରେ ବସାଇ ରାଜକୀୟ ପରମ୍ପରା ଅନୁଯାୟୀ ନଗର ପରିକ୍ରମା କରାଯାଇଛି। ପ୍ରଭୁ ଯୁଗଳ କିଶୋର ରାଜରାଜେଶ୍ୱରୀ ବେଶରେ ଦର୍ଶନ ଦେଇଛନ୍ତି। ସେହିପରି ଦୋଳ ପୂର୍ଣ୍ଣିମାଠାରୁ ୬ ଦିନ ଧରି ଗାଁରେ ପୌରାଣିକ ନାଟକ ନୀତି ଓ ନିଷ୍ଠାର ସହ ଅନୁଷ୍ଠିତ ହେବ। ଦଶମୀ ରାତିରେ ଏଠାରେ ହୋଲିକା ଦହନ କାର୍ଯ୍ୟକ୍ରମ


ପ୍ରଭୁ ଯୁଗଳ କିଶୋର।

ହେବ। ପଦ୍ମପୁର ଦୋଳଯାତ୍ରାର ବିଶେଷତ୍ୱ ହେଲା ଏଠାରେ ଅଶ୍ଳୀଳତା କିମ୍ବା ଜୁଆଖେଳକୁ ଅନୁମତି ଦିଆଯାଏନାହିଁ। ସେହିପରି ଏହି ଫଗୁଣ ଯାତ୍ରାରେ ବିବାହିତା ଝିଅମାନେ ବାପଘରକୁ ଆସିଥାନ୍ତି। ଗାଁରେ ୨ ବର୍ଷ ପରେ ଯାତ୍ରା ହେଉଥିବାରୁ ଚଳିତ ବର୍ଷ ଭିଡ଼ ଅଧିକ ଜମୁଛି। ଯାତ୍ରା କମିଟିର ସଭାପତି ତଥା ମନ୍ଦିର ମୁଖ୍ୟ ବଂଶୀଧର ପାଣିଗ୍ରାହୀ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି। ଯାତ୍ରା ପାଇଁ ଏଥର ରାମଦୋଳି ସହ ଅସ୍ଥାୟୀ ବଜାର ମଧ୍ୟ ଖୋଲିଛି। ଶଙ୍ଖାରି ସମ୍ପ୍ରଦାୟର ଲୋକେ ମଧ୍ୟ ଏଠାରେ ଲାଖରେ ପ୍ରସ୍ତୁତ ଜିନିଷ ବିକ୍ରି କରିଥାନ୍ତି।ପରମ୍ପରା ଅନୁଯାୟୀ ହୋଲି ଦିନ ଠାକୁରଙ୍କ ନିକଟରୁ ହୋଲି ଖେଳ ଆରମ୍ଭ ହେବା ପରେ ଆନ୍ୟ ସ୍ଥାନରେ ହୋଲି ପାଳନ ହୋଇଥାଏ। ସେହିପରି ପଦ୍ମପୁରର ଗିରିଧାରି ମଠ, ରାଧାକୃଷ୍ଣ ମଠ, ଗୋପୀନାଥ ମଠ ଓ ଭାଗବତ ଟୁଙ୍ଗୀରେ ନୀତିକାନ୍ତିରେ ପୂଜା ପାଠ କରାଯାଇଛି।




## କ୍ଷତିଗ୍ରସ୍ତଙ୍କୁ ମିଳିବ ଉପଯୁକ୍ତ କ୍ଷତିପୂରଣ

ପାପଡ଼ାହାଣ୍ଡି/ମୈଦଲପୁର, ୧୭।୩(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁରୁ ପାପଡ଼ାହାଣ୍ଡି ବ୍ଲକ ମୈଦଲପୁରକୁ ସଂଯୋଗ କରୁଥିବା ରାସ୍ତା ଲାଗି କ୍ଷତି ସହୁଥିବା ହିତାଧିକାରୀଙ୍କୁ ନେଇ ଗୁରୁବାର ଜନଶୁଣାଣି କରାଯାଇଛି। କ୍ଷତିଗ୍ରସ୍ତମାନେ ସରକାରୀ ହିସାବରେ କ୍ଷତିପୂରଣ ପାଇବେ ବୋଲି ନିଷ୍ପତ୍ତି ନିଆଯାଇଛି।

ସୂଚନାନୁଯାୟୀ, ଡାବୁଗାଁ-ମୈଦଲପୁର ରାସ୍ତା ତିଆରି ସହ ଏହାର ପ୍ରଶସ୍ତୀକରଣ କାମ ଚାଲିଥିଲା। ଏହାଦ୍ୱାରା ପାପଡ଼ାହାଣ୍ଡି ବ୍ଲକର ନୂଆକୋଟ, ଚୋରାମୂଳା ଓ ମୈଦଲପୁର ଗ୍ରାମର୧୦୬ଜଣଙ୍କ ପଟ୍ଟା ଥିବା ଜମି ରାସ୍ତା କାମରେ କ୍ଷତିଗ୍ରସ୍ତ ହେଉଛି। ଏନେଇ ହିତାଧିକାରୀମାନେ ପ୍ରଶାସନକୁ ଜଣାଇ ରାସ୍ତା କାମଟି ବନ୍ଦ କରିଥିଲେ।

**ରାସ୍ତା କାମକୁ ନେଇ ଜନଶୁଣାଣି**

ଗୁରୁବାର ମୈଦଲପୁର ପଞ୍ଚାୟତ କାର୍ଯ୍ୟାଳୟ, ଚରାମୂଳା, ନୂଆକୋଟରେ ଜିଲା ପ୍ରଶାସନ ଓ ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର ପକ୍ଷରୁ ଜନଶୁଣାଣି କରାଯାଇଛି। ଯେଉଁମାନଙ୍କ ଜମିର କ୍ଷତି ହେବ ସେମାନେ କ୍ଷତିପୂରଣ ସରକାରୀ ହିସାବରେ ପାଇବେ ବୋଲି ଜନଶୁଣାଣିରେ ଉପସ୍ଥିତ ଥିବା ଉପଜିଲାପାଳ ଭାସ୍କର ରଇତ କହିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ତହସିଲଦାର ମଧୁସୂଦନ ମାଝି, ମୈଦଲପୁର ରାଜସ୍ୱ ନିରୀକ୍ଷକ ଗିରିଜା ସାହୁ, ସରପଞ୍ଚ ଚନ୍ଦ୍ରଧ୍ୱଜ ମାଝି, ଜମି ଅଧିଗ୍ରହଣ ଅଧିକାରୀ ମୌସୁମୀ ନାୟକ ଓ ସମସ୍ତ ହିତାଧିକାରୀ ଉପସ୍ଥିତ ଥିଲେ।

### ଗଛରୁ ପଡି ନାବାଳକ ଗୁରୁତର

ଡାବୁଗାଁ, ୧୭।୩ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ବଣ୍ଡୁଆଗୁଡା ଗ୍ରାମରେ ଗୁରୁବାର ପୂର୍ବାହ୍ନ ୧୧ଟାରେ ଜଣେ ବାଳକ ଗଛରୁ ପଡି ଗୁରୁତର ହୋଇଛନ୍ତି। ସେ ହେଲେ ଗାଁର ଗୌତମ ଜାନୀଙ୍କ ପୁଅ ଶିବ (୭)। ଶିବ ଘର ପାଖ ଏକ କେନ୍ଦୁ ଗଛରେ ଫଳ ତୋଳିବାକୁ ଚଢିଥିଲା। ହଠାତ ସେ ଗଛରୁ ପଡିଯାଇଥିଲେ। ଏଥିରେ ତାଙ୍କର ମୁଣ୍ଡ ଓ କାନରେ ଗଭୀର ଆଘାତ ଲାଗିଛି। ତାଙ୍କୁ ସଙ୍ଗେ ସଙ୍ଗେ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଗୁରୁତର ଥିବାରୁ ଶିବଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।




# ପ୍ରଥମ ପୌରାଧକ୍ଷା ହେବା ପାଇଁ ୬ ପ୍ରାର୍ଥିନୀଙ୍କ ପ୍ରାଣମୂର୍ଚ୍ଛା ଉଦ୍ୟମ

ଗୁଣପୁର, ୧୭।୩(ଡି.ଏନ୍.ଏ.)-

ରାୟଗଡ଼ା ଜିଲା ଗୁଣପୁର ପୌର ପରିଷଦ ଗଠନ ପରେ ୨୪ତାରିଖରେ ପ୍ରଥମ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ପ୍ରଥମ ପୌରାଧକ୍ଷା ହେବା ପାଇଁ ଏବେ ସବୁ ପ୍ରାର୍ଥୀଙ୍କ ମଧ୍ୟରେ ଉତ୍କଣ୍ଠା। ପ୍ରମୁଖ ତିନି ରାଜନୈତିକ ଦଳ ସହ ସ୍ୱାଧୀନ ପ୍ରାର୍ଥୀଙ୍କ ପକ୍ଷରୁ ଏହି ଆସନ ହାତେଇବାକୁ ପ୍ରଚାରକୁ ଜୋର୍‌ଦାର କରାଯାଇଛି।

ଗୁଣପୁର ପୌରାଧକ୍ଷା ଆସନ ପାଇଁ ୬ ପ୍ରାର୍ଥିନୀ ମଇଦାନକୁ ଓହ୍ଲାଇଛନ୍ତି। ବିଜେଡିରୁ ଜିଲା ବିଜେଡି ସଭାପତି ତଥା ରାଜ୍ୟ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଉପଦେଷ୍ଟା ସୁଧୀର ଦାସଙ୍କ ବଡ଼ ଭଉଣୀ ସଞ୍ଜୁକ୍ତା ସାହୁଙ୍କୁ ପ୍ରାର୍ଥୀ କରାଯାଇଛି। ତେଣୁ ବିଜେଡି ପାଇଁ ଏହି ନିର୍ବାଚନ ସମ୍ମାନର ପ୍ରଶ୍ନ ହୋଇଛି। ୨୦୦୮ରେ ବିଜେଡିରୁ ଶିବ ପ୍ରସାଦ ଗୌଡ଼ ଅଧକ୍ଷ ଏବଂ ୨୦୧୩ରେ କବିତା ଶବର ଅଧକ୍ଷା ହୋଇ ଦଳ ଦୁଇ ଥର ବିଜୟୀ ହୋଇଥିଲା। ୨୦୧୮ରେ

- ଗୁଣପୁର ପୌର ପରିଷଦ ନିର୍ବାଚନ
- ବିଜେଡି ପାଇଁ କର ବା ମର ପରିସ୍ଥିତି

ନିର୍ବାଚନ ହୋଇନାହିଁ। ଏବେ ରାଜନୈତିକ ପରିସ୍ଥିତି ବଦଳିଯାଇଛି। ଗତ ସାଧାରଣ ନିର୍ବାଚନରେ ଦଳରୁ ବହିଷ୍କୃତ ହୋଇଥିବା ପୂର୍ବତନ ଏନ୍ଏସି ଅଧକ୍ଷ ଶିବପ୍ରସାଦ ଗୌଡ଼ଙ୍କ ସ୍ତ୍ରୀ ମମତା ଏବେ ସ୍ୱାଧୀନ ଭାବେ ପୌରାଧକ୍ଷା ପ୍ରାର୍ଥୀ ହୋଇଛନ୍ତି। ସେ ପ୍ରଚାରରେ ବିଜେଡିକୁ କଡ଼ା ଟକ୍କର ଦେଉଛନ୍ତି।

ବିଜେଡିରାଜ୍ୟ ସରକାରଙ୍କ ଜନକଲ୍ୟାଣ ଯୋଜନା ସହ ମୁଖ୍ୟମନ୍ତ୍ରୀଙ୍କ ଆଦର୍ଶ ଏବଂ ସ୍ୱଚ୍ଛ ଭାବମୂର୍ତ୍ତିକୁ ଆଧାରକରି ନିର୍ବାଚନ ବୈତରଣୀ ପାରହେବାକୁ ଲକ୍ଷ୍ୟ ରଖିଛି। ଅନ୍ୟପକ୍ଷରେ ପୂର୍ବତନ ଏନ୍ଏସି ଅଧକ୍ଷ ଶିବପ୍ରସାଦ ନିଜର ଲୋକ ସମ୍ପର୍କ ସହ ତାଙ୍କ ସମୟରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକୁ ଆଧାରକରି ଭୋଟ ଭିକ୍ଷା କରୁଛନ୍ତି। ବିଜେଡି ଗୁଣପୁର ବ୍ଲକ ଅଧକ୍ଷା ପଦ ହରାଇବା ସହ ଦୁଇଟି ଜିଲା ପରିଷଦ ଆସନ କଂଗ୍ରେସ ହାତକୁ ଚାଲିଯାଇଛି। ଫଳରେ ପୌରାଧକ୍ଷ ପଦ ହାତେଇବା ଏବେ ଦଳ ପାଇଁ କର ବା ମର ସ୍ଥିତି ସୃଷ୍ଟି କରିଛି। ସେପଟେ ବିଜେଡି ହାତରୁ ବ୍ଲକ ଅଧକ୍ଷା ପଦ ଛଡ଼ାଇ ଶିବପ୍ରସାଦ ନିଜ ସପକ୍ଷରେ ନେଇଥିବାରୁ ଗୁଣପୁର ପୌର ନିର୍ବାଚନ ପାଇଁ ସେ ଖୁବ୍ ଆଶାବାଦୀ ଅଛନ୍ତି। ସେହିଭଳି କଂଗ୍ରେସ ଉଚ୍ଚଶିକ୍ଷିତା ତଥା ଏମ୍‌ବିଏ ପଢ଼ିଥିବା ରୀନା ଶବରଙ୍କୁ ପୌରାଧକ୍ଷା ପ୍ରାର୍ଥିନୀ କରିଛି। ଦୁଇଟି ଜିଲା ପରିଷଦ ହାତେଇବା ପରେ କଂଗ୍ରେସ ଦଳ ଖୁବ୍ ଆଶାବାଦୀ ହୋଇପଡ଼ିଛି। ଭାଜପା ପକ୍ଷରୁ ଜିଲା ଉପସଭାପତି ୱାଇ. ଗଣପତି ତାଙ୍କ ସ୍ତ୍ରୀ ୱାଇ. ଅନ୍ନପୂର୍ଣ୍ଣାଙ୍କୁ ପ୍ରାର୍ଥୀ କରିଛି। କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ଏବଂ ରାଜ୍ୟ ସରକାରଙ୍କ ବିଫଳତାକୁ ଆୟୁଧ କରି ନିର୍ବାଚନ ପ୍ରଚାର ଚଳାଇଛି। ଅନ୍ୟତମ ସ୍ୱାଧୀନ ପ୍ରାର୍ଥିନୀ ଭାବେ ସ୍ନିଗ୍ଧାରାଣୀ ପାଣିଗ୍ରାହୀ ମଧ୍ୟ ପ୍ରଚାର କାର୍ଯ୍ୟକୁ ଜୋର୍‌ଦାର କରିଛନ୍ତି। ଅନ୍ୟପକ୍ଷରେ ଭାଜପାରେ ଟିକେଟ ଲବିରେ ଥିବା ସୁଜାତା ପଟ୍ଟନାୟକ ଟିକେଟ ନ ପାଇବାରୁ ଅସନ୍ତୋଷ ପ୍ରକାଶ କରି ବିଏସ୍‌ପିରୁ ପ୍ରାର୍ଥିନୀ ହୋଇଛନ୍ତି। ତେବେ ପୌରାଧକ୍ଷ ଆସନ କିଏ ହାତେଇବାରେ ସଫଳ ହେବେ ତାହାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି।


ମମତା ଗୌଡ଼


ରିନା ଶବର


ସ୍ନିଗ୍ଧାରାଣୀ ପାଣିଗ୍ରାହୀ


ୱାଇ. ଅନ୍ନପୂର୍ଣ୍ଣା


ସୁଜାତା ପଟ୍ଟନାୟକ


ସଞ୍ଜୁକ୍ତା ସାହୁ

